ODM EDUCATIONAL GROUP

Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org

Email: info@odmps.org

Toll Free: **1800 120 2316**

Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :5**
**CLASS :3**
**SUBJECT : ODIA**
**CHAPTER NUMBER: 10**
**CHAPTER NAME : ଗାଁ ବୁଲା**
**SUBTOPIC : ଉପକ୍ରମ ,ପଠନ କ୍ରିୟା ଓ ଯୁକ୍ତାକ୍ଷର ଶବ୍ଦ ରେଖାଙ୍କିତ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ ଶୈଳୀ ର ଅଭିବୃଦ୍ଧି କରାଇବା |




Wikimedia Commons


Bhutnath Painting Academy

# ଗାଁ ବୁଲା

ODM EDUCATIONAL GROUP



ପାଠ -୧୦

# ଗାଁ ବୁଲା

ପୁରୁଷୋତ୍ତମପୁର ଗାଁରେ ତିଳୋତ୍ତମା ଦେବୀଙ୍କ ଘର । ପ୍ରଥମାଷ୍ଟମୀ ଦୁଇଦିନ





ଥାଏ । ତିଳୋତ୍ତମା ଦେବୀ ତାଙ୍କ ଝିଅ ଅନୁଷ୍କାକୁ ଧରି ବଜାର ବାହାରିଲେ । ବାଟରେ ପୋଷ୍ଟ ଅଫିସ ଦେଖି ଅନୁଷ୍କା ପଚାରିଲା ''ମା', ଏଠାରେ କ'ଣ

47TQ4D













ODM EDUCATIONAL GROUP



ODM EDUCATIONAL GROUP
Changing your Tomorrow



ହୁଏ ?'' ତିଲୋତ୍ତମା ଝିଅର କଥାଶୁଣି ଉତ୍ତର ଦେଲେ, ''ଏହା ଗୋଟିଏ ପୋଷ୍ଟ ଅଫିସ । ଏଠାରେ ପୋଷ୍ଟକାର୍ଡ୍, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍ ଫର୍ମ



ଇତ୍ୟାଦି ମିଳେ । ଦୂରଜାଗାକୁ ଟଙ୍କା ପଠାଇବା ଓ ଖବର ପଠାଇବାରେ ପୋଷ୍ଟ ଅଫିସ ସାହାଯ୍ୟ କରେ । ଆଜିକାଲି ମୋବାଇଲ୍ ଫୋନ୍‌ରେ ବହୁତ ଦୂର ଜାଗାକୁ କମ୍ ସମୟରେ ଖବର ପଠାଯାଇ ପାରୁଛି ।"

କିଛିବାଟ ଗଲାପରେ ଅନୁଷ୍କା ମସ୍‌ଜିଦ୍‌ଟିଏ ଦେଖି ପଚାରିଲା, "ମା', ଏଇଟା କ'ଣ ?" ମା' କହିଲେ "ଏ ହେଉଛି ମସ୍‌ଜିଦ୍ । ମୁସଲମାନମାନେ ଏଠି ପ୍ରାର୍ଥନା କରନ୍ତି । ହିନ୍ଦୁମାନେ ମନ୍ଦିରରେ ପୂଜାପାଠ କରନ୍ତି । ଭଜନ କୀର୍ତ୍ତନ କରନ୍ତି । ସେଭଳି ଖ୍ରୀଷ୍ଟିୟାନ୍‌ମାନେ ଗିର୍ଜାରେ ପ୍ରାର୍ଥନା କରନ୍ତି ।



ଶିଖ୍‌ମାନେ ଗୁରୁଦ୍ୱାରରେ ପ୍ରାର୍ଥନା କରନ୍ତି । ମସ୍‌ଜିଦ୍, ମନ୍ଦିର, ଗିର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ । ସବୁ ଧର୍ମ ସମାନ । କେହି ସାନ ବଡ଼ ନୁହନ୍ତି ।"



PATHAGARA.ODIAPORTAL.IN
ODM EDUCATIONAL GROUP

# ମସ୍‌ଜିଦ୍‌

ODM EDUCATIONAL GROUP
Changing your Tomorrow



# ମନ୍ଦିର

ODM EDUCATIONAL GROUP



# ଗୀର୍ଜା

ODM
EDUCATIONAL GROUP
Changing your Tommorrow



# ଗୁରୁଦ୍ୱାର





ଅନୁଷ୍କା ପଚାରିଲା, "ମା', ଆମେ ପୋଷାକ କିଣିବାନାହିଁ କି ?" ତିଲୋତ୍ତମା ଦେବୀ ଉତ୍ତର ଦେଲେ "ହଁ, ଆମେ ତ ଆସି ବଜାର ପାଖରେ ପହଞ୍ଚିଗଲେ ।"

ଅନୁଷ୍କା କହିଲା, "ମା', ତୁମେ ଯେଉଁ ହାଟକୁ ଯାଅ ସେଇଟା ପୁଣି କ'ଣ ?" ତିଲୋତ୍ତମା ଦେବୀ କହିଲେ, "ହାଟ ସାତଦିନରେ ଥରେ ବା ଦୁଇଥର ବସେ । ବିଭିନ୍ନ ପ୍ରକାରର ଜିନିଷ ମିଳେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି କିଣାବିକା କରନ୍ତି । ହାଟ ସରିଲା ପରେ ଦୋକାନଗୁଡ଼ିକ ସବୁ ଉଠିଯାଏ । ଗୋଟିଏ ଜାଗାରେ ବିଭିନ୍ନ ପ୍ରକାରର ଦୋକାନ ଥିଲେ ତାକୁ ବଜାର କହନ୍ତି । ଏହା ସବୁଦିନ ଖୋଲାରୁହେ ।" ତା'ପରେ ଅନୁଷ୍କାର ଜାମା କିଣା ହେଲା । ସେ ଖୁସିମନରେ ଘରକୁ ଫେରିଲା ।



# ହାଟ

ODM EDUCATIONAL GROUP





## ଯୁକ୍ତାକ୍ଷର ଶବ୍ଦ

ପ୍ରଥମାଷ୍ଟମୀ

ତିଳୋତ୍ତମା

ଅନୁଷ୍କା

ପୋଷ୍ଟଅଫିସ

କୀର୍ତ୍ତନ

ଖ୍ରୀଷ୍ଟିୟାନ

ଅନୁଷ୍ଠାନ

ଅଞ୍ଚଳ



# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

ODM EDUCATIONAL GROUP
Changing your Tomorrow

୧ –ପୁରୁଷୋତ୍ତମପୁର ଗାଁରେ କାହାର ଘର ?

୨–କାହାକୁ ଧରି ତିଳୋତ୍ତମା ଦେବୀ ବଜାର ବାହାରିଲେ?

୩ – ବାଟରେ ପ୍ରଥମେ ଅନୁଷ୍କା କଣ ଦେଖିଲା ?

୪ –ପୋଷ୍ଟ ଅଫିସ ରେ କଣ କଣ ମିଳେ ?

୫ –ଆଜିକାଲି ଆମେ କାହା ସାହାଯ୍ୟରେ କମ ସମୟ ମଧ୍ୟରେ ଦୂର ଜାଗାକୁ ଖବର ପଠାଇ ପାରୁଛେ ?

୬ – ମୁସଲମାନ ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?

୭ – ଖ୍ରୀଷ୍ଟିୟାନ୍‌ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?

୮ –ହିନ୍ଦୁ ମାନେ କେଉଁଠାରେ ପୂଜାପାଠ କରନ୍ତି ?

୯-ବଜାର କାହାକୁ କହନ୍ତି ଓ ହାଟ କାହାକୁ କହନ୍ତି ?

# ଗୃହକର୍ମ

ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ ।



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ  ଶୈଳୀର ଅଭିବୃଦ୍ଧି ଘଟିବ |



THANKING YOU

ODM EDUCATIONAL GROUP